ଅନନ୍ତ ଅନ୍ତରୀକ୍ଷ ଭାଗ – ୧୦

ମୂଳ ରଚନା – ରତ୍ନାବଳୀ ମିତ୍ର, ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ଗତ ଦୁଇମାସ ଧରି ଆପଣ ଏହି କାର୍ଯ୍ୟକ୍ରମ ଶୁଣୁଛନ୍ତି । ଏ ବିଷୟରେ ଅନେକ ପ୍ରଶ୍ନ ବି ଆପଣଙ୍କ ମନରେ ଉଠିଛି ଏବଂ ସେଗୁଡ଼ିକ ଆପଣମାନେ ଆମ ପାଖକୁ ପଠାଇଥିଲେ । ଗତ କାର୍ଯ୍ୟକ୍ରମରେ ଆମେ ତା'ର ଉତ୍ତର ଆଲୋଚନା କରିଥିଲେ । ଆହୁରି ଅଧିକ ପ୍ରଶ୍ନ ସବୁ ବି ମନରେ ଉଠୁଥିବ । ହୁଏତ ଆମର ଆସନ୍ତା କାର୍ଯ୍ୟକ୍ରମ ଗୁଡ଼ିକରେ ଆପଣ ସେସବୁର ଉତ୍ତର ପାଇ ଯାଇ ପାରନ୍ତି । ତେବେ ଗୋଟିଏ ପ୍ରଶ୍ନ ନିଶ୍ଚୟ ଉଠୁଥିବ ଯେ ବିଶ୍ୱର କେନ୍ଦ୍ରରେ ରହିଛି କିଏ ? ସୂର୍ଯ୍ୟ ନା ପୃଥିବୀ ? ଆଗକାଳରେ ବି ଲୋକମାନଙ୍କ ମନରେ ଏଇ ପ୍ରଶ୍ନ ଉଠୁଥିଲା । ସେମାନେ ଏହାରୁ ଉତ୍ତର ଖୋଜିବା ପାଇଁ ବହୁତ ଚେଷ୍ଟା କରିଥିଲେ । କିଏ କହୁଥିଲା ଯେ ପୃଥିବୀ ମଝିରେ ତ କିଏ କହୁଥିଲା ସୂର୍ଯ୍ୟ । ତେବେ ମଣିଷ କେମିତି ଏହାର ଠିକ୍ ଉତ୍ତର ପାଇଲା, କିଏ ସବୁ ସେ ମହାନ ପଣ୍ଡିତମାନେ ଏବଂ ସେମାନେ କେମିତି ଏସବୁର ଉତ୍ତର ପାଇଲେ ସେସବୁ କଥା ଆଜି ଆମେ ଶୁଣିବା ଆମର ଆଜିର କାର୍ଯ୍ୟକ୍ରମରେ ଅନନ୍ତ ଅନ୍ତରୀକ୍ଷର ଭାଗ ୧୦ରେ ।

(ଜୋର ଗଣ୍ଡଗୋଳ ହେଉଥିବାର ଶବ୍ଦ, ଚିତ୍କାର, ଟେକାପଥର ମାଡ଼ ଆଦିର ଶବ୍ଦ)

୧ମ ମହିଳା: ଆରେ ବଡ଼ ଜିଦିଆ ଲୋକ ତ ! ତମର ଯୁଆଡ଼େ ଇଛା ହେବ ଯିବ, ଆମର କ'ଣ ଅଛି ?

୨ୟ ମହିଳା: ଏପଟେ ଆଉ ଅସିବନି ।

୩ୟ ମହିଳା: କହିଲେ କ'ଣ ନା ପୃଥିବୀକୁ ମାପିବେ ! ଯାଅ, ପଳା ଏଠୁ,

ଚାର୍ଲସ ମେରିଆ: ଆମ କଥା ଟିକେ ଶୁଣନ୍ତୁ !!!

୧ମ ମହିଳା: ଏଠୁ ଗଲ । ଆସିଲେ କ'ଣ ନା ପୃଥିବୀ ମାପିବେ ? ପୃଥିବୀକୁ କ'ଣ କିଏ ମାପି ପାରିବ ?

ଅରୁନ୍ଧତୀ: ଧ୍ରୁବ ଆରେ ଧ୍ରୁବ ଉଠ । କ'ଣ ସ୍ୱପ୍ନ ଦେଖୁଛୁ କି ? ଆରେ ଉଠୁ କ'ଣ ସ୍କୁଲ୍ ଯିବୁନି କି ?

ସ୍ୱାତୀ: ମା' ଏ ବୋଧେ ସ୍ୱପ୍ନରେ ବି କ୍ରିକେଟ ମ୍ୟାଚ ଦେଖୁଛି, ୟା ଦଳ ବୋଧେ ହାରିଯାଉଛନ୍ତି ।

ଧ୍ରୁବ: (ନିଦୁଆ ସ୍ୱରରେ) କ୍ରିକେଟ ମ୍ୟାଚ ନୁହେଁ, ମୁଁ ତ ଫ୍ରାନ୍ସର ସେ ଲୋକମାନଙ୍କୁ ଦେଖୁଥିଲି, ସେମାନେ ସବୁ ପୃଥିବୀକୁ ମାପିବା ପାଇଁ ଦକ୍ଷିଣ ଆମେରିକା ବାହାରିଥିଲେ ।

ଅରୁନ୍ଧତୀ: ହଉ ହେଲା, ତୁ ଚଞ୍ଚଳ ବାହାରି ପଡ଼ । ସ୍କୁଲ ଯିବା ପାଇଁ ଡେରି ହୋଇଯିବ । (ସ୍କୁଲର ଘଣ୍ଟି ବାଜୁଛି)

ଜ୍ୟୋତି (ଶିକ୍ଷୟତ୍ରୀ): ଚାଲ ଆଜିର ପାଠ ଆରମ୍ଭ କରିବା ।

ଧ୍ରୁବ: ଦିଦି, ମୁଁ ଗୋଟିଏ ପ୍ରଶ୍ନ ପଚାରିବି ।

ଜ୍ୟୋତି: କ'ଣ ପଚାର ।

ଧ୍ରୁବ: ପୃଥିବୀକୁ ମାପିବା ପାଇଁ ଫରାସୀ ବୈଜ୍ଞାନିକ ଦଳ ଏତେଦୂର ଆଣ୍ଡିଜ ପର୍ବତମାଳା ଉପରକୁ କାହିଁକି ଗଲେ ? ଫ୍ରାନ୍ସରେ କାହିଁକି କଲେ ନାହିଁ ?

ଜ୍ୟୋତି: କାରଣ ସେମାନେ ବିଷୁବ ରେଖା ପାଖକୁ ଯିବାକୁ ଚାହୁଁଥିଲେ । ପ୍ରାଚୀନ ସଭ୍ୟତାର ଲୋକମାନେ ପୃଥିବୀ ବିଷୟରେ ଜାଣିବାକୁ ସବୁବେଳେ ଆଗ୍ରହୀ ଥିଲେ । ପୃଥିବୀ କେମିତି ସୃଷ୍ଟି ହେଲା, କେତେ ବଡ଼, ତା'ର ଆକାର କେମିତି ଏସବୁ ବିଷୟରେ ଜାଣିବା ପାଇଁ ସେମାନଙ୍କର ବହୁତ ଇଛା ଥିଲା । ସେମାନେ ଏ ସବୁ ବିଷୟରେ ନିଜର ମତ ଦେଇଥିଲେ, ଏଥିରୁ କିଛି ଠିକ୍ ଥିଲା, କିଛି ଭୁଲ୍ ।

ଧ୍ରୁବ: ସେମାନେ କେଉଁ ଆଧାରରେ ସେମାନଙ୍କର ମତ ଦେଇଥିଲେ ?

ଜ୍ୟୋତି: ଭଲ ପ୍ରଶ୍ନଟିଏ, ଗ୍ରୀସ୍, ମିଶର ଏବଂ ଅନ୍ୟ ସଭ୍ୟତାର ଲୋକମାନଙ୍କର ତାର୍କିକ ବିଚାର ଥିଲା । ସେମାନେ ରାତିରେ ଆକାଶକୁ ନିରୀକ୍ଷଣ କରୁଥିଲେ, ତାରାମାନଙ୍କ ଗତିକୁ ବି ସେମାନେ ଲକ୍ଷ୍ୟ କରୁଥିଲେ ।

ଶ୍ରୀକାନ୍ତ: ତା ହେଲେ ତ ସେମାନେ ଦିନରାତିର ଚକ୍ରକୁ ବି ଲକ୍ଷ୍ୟ କରୁଥିବେ । ଗୋଟେ ପରେ ଗୋଟେ ଆସୁଥିବା ଋତୁକୁ ବି ଦେଖୁଥିବେ ।

ଜ୍ୟୋତି: ଠିକ୍ କହିଛ ।

ଶ୍ରୀକାନ୍ତ: ସେମାନେ ଏ ବିଷୟରେ କିଛି ପରୀକ୍ଷା ବି କରିଥିବେ ।

ଜ୍ୟୋତି: ସେମିତି କିଛି ଖାସ୍ ନାହିଁ, କିନ୍ତୁ ସେମାନେ ତାଙ୍କ ଚାରିପଟକୁ ଦେଖୁଥିଲେ, ସୂର୍ଯ୍ୟ, ଚନ୍ଦ୍ର, ତାରାଙ୍କୁ ନିରୀକ୍ଷଣ କରୁଥିଲେ, ଆଉ ଏବିଷୟରେ ନିଜର ମତକୁ ନେଇ ଯୁକ୍ତିତର୍କ ବି କରୁଥିଲେ । ଯେମିତି ସେମାନେ ଦେଖିଲେ ଯେ କିଛି ତାରା ସବୁବେଳେ ଗୋଟିଏ ଦିଗରେ ହିଁ ଉଦୟ ହେଉଛନ୍ତି ଆଉ ଋତୁ ଅନୁସାରେ ଏଇ ପ୍ୟାଟର୍ନ ବଦଳି ଯାଉଛି । ସବୁଠାରୁ ମଜା କଥା ହେଉଛି ସେତେବେଳର ପଣ୍ଡିତ, ସେ ମିଶର ଗ୍ରୀସ ବା ଭାରତର ହୋଇଥାଆନ୍ତୁ ପୃଥିବୀ ବିଷୟରେ ସେ ସମସ୍ତଙ୍କର ବିଚାର ଏକପ୍ରକାର ଥିଲା ।

ଧ୍ରୁବ: ପୃଥିବୀର ଯେଉଁ ଦଳ ଆଣ୍ଡିଜ୍ ପର୍ବତମାଳା ଆଡ଼କୁ ଯିବାକୁ ବାହାରିଥିଲେ, ସେମାନେ ଗଲେ ?

ଜ୍ୟୋତି: ତମେ ବୋଧେ ପିଏରେ ବୋଗର, ଚାର୍ଲସ୍ ମେରିଆ ଆଦିଙ୍କ ଦଳ କଥା ପଚାରୁଛ । ତମେ ଏ ବିଷୟରେ କେମିତି ଜାଣିଲ, ବୋଧେ ଆର ସେକ୍ସସନ୍‌ର ପିଲାଙ୍କ ସହ ଏହି କଥା ହୋଇଛ । କାରଣ ମୁଁ ତ ତୁମକୁ ଏ ବିଷୟରେ କିଛି କହିନି । ଆଚ୍ଛା ଠିକ୍ ଅଛି । ଆମେ ଏ ବିଷୟରେ ପରେ କଥା ହେବା, ଆଗ ମତେ କୁହତ ତମେ କୌଣସି ଗ୍ରୀକ ପଣ୍ଡିତଙ୍କ ନାଁ ଶୁଣିଛ ।

ଧ୍ରୁବ: (ଡରି ଡରି) ହଁ, ଆରିଷ୍ଟୋଟଲ୍ ।

ଜ୍ୟୋତି: ଠିକ୍ କିହଛ । ଆରିଷ୍ଟୋଟଲ୍‌ଙ୍କ ଆଗରୁ ଗ୍ରୀସର ଲୋକମାନେ ଭାବୁଥିଲେ ଯେ ପୃଥିବୀ ହେଉଛି ଚଟକା, ଏବଂ ଏହା ପାଣି ଉପରେ ଭାସୁଛି, ପ୍ରଥମେ ଲୋକମାନେ ପୃଥିବୀକୁ ବିଶ୍ୱର କେନ୍ଦ୍ର ବୋଲି ମନୁଥିଲେ ।

ଶ୍ରୀକାନ୍ତ: ମୁଁ ବି ପଢ଼ିଛି ଯେ ପୃଥିବୀର ଆକାର ଚଟକା ନ ହୋଇ ଗୋଲ ବୋଲି ଖ୍ରୀ.ପୂ.୩୪୦ ବେଳକୁ ଆରିଷ୍ଟୋଟଲ ଦୁଇଟି ବଳିଷ୍ଠ ଯୁକ୍ତି ଦେଇଥିଲେ । ତାଙ୍କର ପ୍ରଥମ ଯୁକ୍ତି ହେଉଛି ଚନ୍ଦ୍ରଗ୍ରହଣ । ସୂର୍ଯ୍ୟ, ଚନ୍ଦ୍ର ମଝିରେ ପୃଥିବୀ ରହିଥିବା ବେଳେ ଚନ୍ଦ୍ରଗ୍ରହଣ ହୁଏ । ପୃଥିବୀର ଆକାର ଗୋଲ ହୋଇଥିବାରୁ ଚନ୍ଦ୍ର ଉପରେ ତା'ର ଛାଇ ବି ସବୁବେଳେ ଗୋଲ ହିଁ ପଡ଼େ ।

ଜ୍ୟୋତି: ଠିକ୍ କହିଛ, ତାଙ୍କର ଦ୍ୱିତୀୟ ଯୁକ୍ତି ହେଉଛି ଗ୍ରୀସର ଲୋକମାନେ ଦେଖିଲେ ଯେ ଯାତ୍ରା ସମୟରେ ସେମାନେ ଦକ୍ଷିଣରୁ ଦେଖିଲେ ଧ୍ରୁବତାରା ବହୁତ ତଳେ ଦେଖାଯାଉଥିଲା । ଆଚ୍ଛା ଗୋଟିଏ କାମ କରିବା, ପୂରାଶ୍ରେଣୀର ପିଲାମାନେ ଦୁଇଟି ଦଳରେ ଭାଗ ହୋଇଯାଅ । ପ୍ରଥମ ଦଳ ଆରିଷ୍ଟୋଟଲ ଏବଂ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ବିଶ୍ୱ, ଅନ୍ୟଗ୍ରହ ଉପରେ ତାଙ୍କର ମତାମତ ସଂଗ୍ରହ କର । ଦ୍ୱିତୀୟ ଦଳ କେବଳ ପୃଥିବୀ ଏବଂ ଅନ୍ୟ ଗ୍ରହ ଉପରେ ତାଙ୍କ ବିଚାର ଉପରେ ତଥ୍ୟ ସଂଗ୍ରହ କର । ଗୋଟିଏ ସପ୍ତାହ ସମୟ ଏଥିପାଇଁ ଦଉଛି । ଏଥର ସମସ୍ତେ ଲାଗିପଡ଼ । (ଧ୍ରୁବର ଘର, ବାରା ଚନ୍ଦ୍ର, ସ୍ୱାତୀ ଓ ଧ୍ରୁବ କଥା ହେଉଛନ୍ତି ।)

ଚନ୍ଦ୍ର: ଆରେ ମା ସ୍ୱାତୀ, ଧ୍ରୁବ, କୁଆଡେ଼ ସବୁ ଗଲ ? ଆଜୁ ସ୍କୁଲରେ କଣ ସବୁ ହେଲା ?

ସ୍ୱାତୀ: ବାପା, ଧ୍ରୁବ ସ୍କୁଲରେ ଆରିଷ୍ଟୋଟଲଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ କୁହାହୋଇଛି । ସେଥିପାଇଁ ସେ ଇଣ୍ଟରନେଟରୁ ବସି ଖୋଜୁଛି । ମୁଁ ତା ପାଖରେ ବସି ସାହାଯ୍ୟ କରୁଥିଲି ।

ଧ୍ରୁବ: ବାପା ଆରିଷ୍ଟୋଟଲ ଜଣେ ମହାନ ଦାର୍ଶନିକ ଥିଲେ ନା !

ଚନ୍ଦ୍ର: ହଁ, ଆରିଷ୍ଟୋଟଲ ଜଣେ ମହାନ ଦାର୍ଶନିକ ଥିଲେ, ଅବଶ୍ୟ ତାଙ୍କର ଅନେକ ସିଦ୍ଧାନ୍ତ ଏବେ ଭୁଲ୍ ବୋଲି ଜଣାଗଲାଣି, ତଥାପି ବି ଆଜି ତାଙ୍କୁ ଜଣେ ମହାନ ଦାର୍ଶନିକ, ପଣ୍ଡିତ ଭାବରେ ଗ୍ରହଣ କରାଯାଏ, ଯେମିତିକି ତାଙ୍କର ସ୍ୱତଃଜନନ ବା ସ୍ୱଷ୍ଟାନିଅସ୍ ଜେନେରେସନ୍ ... ।

ଧ୍ରୁବ: ସେ ସବୁ ବିଷୟରେ ତଥ୍ୟ ସଂଗ୍ରହ କରିବା ଆମର ଦରକାର ନାହିଁ । ପ୍ରକୃତରେ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ବିଶ୍ୱ ବିଷୟରେ ଆରିଷ୍ଟୋଟଲଙ୍କ ବିଚାର ଉପରେ ତଥ୍ୟ ଏକାଠି କରିବାର ଅଛି ।

ଚନ୍ଦ୍ର: ଆରେ ଏତ ବହୁତ ଭଲକଥା । ମୁଁ ଏଥିରେ ତତେ ସାହାଯ୍ୟ କରିବି । ଧ୍ରୁବ ତୁ ବିଜ୍ଞାନର ଇତିହାସ ଉପରେ ଥିବା ବହି ବି ଟିକେ ଦେଖ୍ । ଇଣ୍ଟରନେଟ୍‌ରୁ ପାଇଥିବା ତଥ୍ୟ ସବୁ ଠିକ୍ ଅଛି କି ଭୁଲ୍ ତା ବି ମିଳେଇ ଦେଖି ନେ । (ଦୁଆର ଘଣ୍ଟିବାଜିବାର ଶବ୍ଦ) ବୋଧହୁଏ ତମ ମା ଆସିଗଲେ, ମୁଁ ଯାଇ ଦୁଆର ଖୋଲୁଛି । ତୁ ଏଠି ଦେଖୁ ଥା ।

ଅରୁନ୍ଧତୀ: ଧ୍ରୁବ, ଯାହା ଖୋଜୁଥିଲୁ କିଛି ପାଇଲୁ ?

ଧ୍ରୁବ: ହଁ ମା, ବହୁତ ପାଇଛି, ଏଇ ଦେଖ, ଏଥିରେ ଲେଖା ହୋଇଛି ଯେ ଆରିଷ୍ଟୋଟଲଙ୍କ ମତରେ ମାଟି, ପାଣି, ପବନ ଓ ନିଆଁ ଏଇ ଚାରୋଟି ହେଉଛି ମୌଳିକ ତତ୍ତ୍ୱ । ଏଗୁଡ଼ିକ ସଂକେନ୍ଦ୍ରିତଗୋଲକ ରୂପରେ ରହିଛି । ମାଟି ପଥରରେ ତିଆରି ଏବଂ ସବୁଠାରୁ ତଳେ ରହିଛି । ଏହି ଚାରିପଟେ ପାଣି ଓ ତା ଚାରିପଟେ ପବନ ଏବଂ ତା'ପରେ ନିଆଁ ରହିଛି । ଯା ବାହାରେ ଗୋଟିଏ ଅଦୃଶ୍ୟ ଗୋଲକ ରହିଛି, ଆଉ ଏଥିରେ ଆକାଶୀୟ ପିଣ୍ଡମାନେ ବୁଲୁଛନ୍ତି ।

ଅରୁନ୍ଧତୀ: ମୋର ଯାହା ମନେ ପଡ଼ୁଛି ଆରିଷ୍ଟୋଟଲ ଏବଂ ପ୍ଲାଟୋ ଦୁହେଁ ବିଶ୍ୱକୁ ଗୋଲାକାର ବୋଲି ବର୍ଣ୍ଣନା କରିଛନ୍ତି । ଦେଖିଲୁ, ପ୍ଲାଟୋ କ'ଣ କହିଛନ୍ତି ....

ଧ୍ରୁବ: ମା, ମୁଁ କେବଳ ଆରିଷ୍ଟୋଟଲଙ୍କ ବିଷୟରେ ତଥ୍ୟ ଏକାଠି କରୁଛି ।

ଅରୁନ୍ଧତୀ: ହଁ ଯେ, କିନ୍ତୁ ତୁ ପ୍ଲାଟୋ ଓ ଆରିଷ୍ଟୋଟଲଙ୍କୁ ଅଲଗା କରି ତ ଦେଖିପାରିବୁନି । କାରଣ ବିଶ୍ୱ ବିଷୟରେ ଆମର ଧାରଣା ଧୀରେ ଧୀରେ ହିଁ ବିକଶିତ ହୋଇଛି । ଆଉ ଏଥିରେ ଅନେକ ଲୋକଙ୍କ ଯୋଗଦାନ ରହିଛି । ତେଣୁ ତୁ ପ୍ଲାଟୋଙ୍କୁ ଛାଡ଼ି ପାରିବୁନି ।

ଧ୍ରୁବ: ଆଚ୍ଛା ହଉ, ମୁଁ ଦେଖୁଛି । (ଦୃଶ୍ୟ ପରିବର୍ତ୍ତନ) (ଶ୍ରେଣୀ ଭିତରର ଦୃଶ୍ୟ)

ଜ୍ୟୋତି: ପିଲାମାନେ, ତଥ୍ୟ ସବୁ ସଂଗ୍ରହ କରି ଦେଇଛ ?

ଧ୍ରୁବ: ହଁ ଦିଦି, ମୁଁ ବହି ଆଉ ଇଣ୍ଟରନେଟ୍‌ରୁ ଖୋଜି କିଛି ତଥ୍ୟ ଏକାଠି କରିଛି ।

ଜ୍ୟୋତି: ବହୁତ ଭଲ କଥା, ଏବେ କ'ଣ ତଥ୍ୟ ଆଣିଛୁ ପଢ଼ିଲୁ ଦେଖି ।

ଧ୍ରୁବ: ମିଶର ଓ ମେସୋପଟାମିଆର ଲୋକମାନେ ଆକାଶୀୟ ପିଣ୍ଡ ବିଷୟରେ ଜାଣିବାକୁ କାହିଁକି ଆଗ୍ରହୀ ଥିଲେ ? ଆଗକାଳରେ ଲୋକମାନେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ଆଦିଙ୍କୁ ନିଜର କୃଷି ସହ ଯୋଡୁଥିଲେ । ସେତେବେଳେ ଲୋକମାନଙ୍କର ଜୀବନ କୃଷି ଉପରେ ନିର୍ଭର କରୁଥିଲା । ନୀଳନଦୀରେ ବନ୍ୟା ଆସିଲେ ଜମିରେ ପଟୁ ପଡ଼ି ଯାଉଥିଲା । ପୂର୍ବେ ଆକାଶରେ ପାହାନ୍ତା ବେଳେ ଗୋଟିଏ ନିର୍ଦ୍ଦିଷ୍ଟ ତାରା ଉଦୟ ହେଲେ ନୀଳନଦୀରେ ବନ୍ୟା ଅସିବା ସମୟ ଆସିଗଲା ବୋଲି ସେମାନେ ଜାଣୁଥିଲେ ।

ଶ୍ରୀକାନ୍ତ: ଆଗକାଳରେ ଲୋକମାନେ ସୂର୍ଯ୍ୟ ଓ ତା'ର କିରଣକୁ ବହୁତ ଧାର୍ମିକ ମାନୁଥିଲେ । ସେମାନେ ସୂର୍ଯ୍ୟଙ୍କୁ ଭଗବାନ ରୂପରେ ପୂଜା ବି କରୁଥୁଲେ । କୁହାଯାଏ ଯେ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ବେଳକୁ ତାରାମାନଙ୍କୁ ଏକାଠି କରି ତାରାମଣ୍ଡଳର କଳ୍ପନା କରାଗଲା । ମିଶରର ପୁରୋହିତ ଯିଏ କି ନିଜେ ଜଣେ ଆକାଶ ବିଜ୍ଞାନୀ ଥିଲେ ସେ ଏସବୁକୁ ଆଧାର କରି ବାର୍ଷିକ କାଲେଣ୍ଡର ତିଆରି କଲେ, ସମୟ ମାପିବା ଶିଖିଲେ ।

ଧ୍ରୁବ: ପ୍ରଥମେ ମୁଁ ଭାବିଥିଲି ଯେ ଆମକୁ ତ କେବଳ ଆରିଷ୍ଟୋଟଲଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଥିଲା । କିନ୍ତୁ ମୁଁ ଦେଖିଲି ଯେ ଆରଷ୍ଟୋଟଲଙ୍କ ଆଗରୁ ଲୋକମାନଙ୍କର ଧାରାଣା କ'ଣ ଥିଲା ଜାଣିବା ଜରୁରୀ । କାରଣ କୌଣସି ଜ୍ଞାନ ବିନା ଆଧାରରେ ଆସେ ନାହିଁ ।

ଜ୍ୟୋତି: ଠିକ୍ ଅଛି । ଏବେ ଆଉ କ'ଣ ତଥ୍ୟ ଆଣିଛ ପଢ଼ ।

ଶ୍ରୀକାନ୍ତ: ମିଶରର ଲୋକଙ୍କ ପାଖେ କିଛି ସମୟମପାଳୀ ଥିଲେ । ଏମାନେ ମନ୍ଦିରର ଛାତ ଉପରେ ବସି ତାରାମାନଙ୍କର ଅବସ୍ଥିତିକୁ ଲକ୍ଷ୍ୟ କରୁଥିଲେ । ଏମାନଙ୍କର ପାଖରେ ଦୂରବୀକ୍ଷଣ ଯନ୍ତ୍ର ନଥିଲା, କି କୋଣ ମାପିବା ପାଇଁ କିଛି ଯନ୍ତ୍ର ନ ଥିଲା, ସେମାନେ ଗୋଟିଏ ପ୍ରକାରର ଯନ୍ତ୍ର ତିଆରି କରି ତାକୁ ଖଜୁରୀ ପତ୍ରରେ ଝୁଲେଇ ରଖୁଥିଲେ । ଏହା ସାହାଯ୍ୟରେ ସେମାନେ ଦେଖୁଥିଲେ ଓ ଦିଗବଳୟ ପାଖରେ ବହୁତ ତଳେ ଦେଖାଯାଉଥିବା ଧ୍ରୁବତାରା ସିଧାରେ ଦୁଇଜଣ ସମୟମପାଳୀଙ୍କୁ ରଖିଥିଲେ ।

ଧ୍ରୁବ: ତା ମାନେ ସେମାନେ ଏଇ ସମୟ ମପାଳୀଙ୍କ ସାହାଯ୍ୟରେ ତାରାମାନଙ୍କ ଅବସ୍ଥିତକୁ ତୁଳନା କରୁଥିଲେ । ସେମାନେ ଏମିତି ବର୍ଣ୍ଣନା କରୁଥିଲେ ସମୟମପାଳୀର ଡାହାଣ କାନ୍ଧ ଉପରେ, କିମ୍ବା ସମୟମପାଳୀର ମୁଣ୍ଡ ଉପରେ । ଏହା ଦ୍ୱାରା ସେମାନେ ସବୁଦିନ ଧ୍ରୁବତାରାକୁ ଦେଖିଇ ସମୟ ମାପି ପାରୁଥିଲେ ।

ଜ୍ୟୋତି: ଆରେ ବାଃ, ତମେମାନେ ତ ବହୁତ ସୁନ୍ଦର ତଥ୍ୟ ସଂଗ୍ରହ କରିଛ । ଦେଖ, ଏ ବିଷୟରେ ଯଦି ଆଉ କିଛି ତଥ୍ୟ ପାଇପାରିବ ।
(ଦୃଶ୍ୟ ପରିବର୍ତ୍ତନ, ଧ୍ରୁବର ଘରର ଦୃଶ୍ୟ)

ଚନ୍ଦ୍ର: ଆରେ ଧ୍ରୁବ, କାଲି ଯେଉଁ ତଥ୍ୟ ନେଇଥିଲୁ, ସେସବୁ ଆଜି ଦିଦିଙ୍କୁ ଦେଲୁଟି ? ସେ କ'ଣ କହିଲେ ?

ଧ୍ରୁବ: ସେ ତ ଖୁସି ହୋଇଗଲେ । ଅନ୍ୟ ପିଲାମାନେ ବି କିଛି ତଥ୍ୟ ଆଣିଥିଲେ । ତେବେ ଦିଦି କହିଛନ୍ତି ଏ ବିଷୟରେ ଆହୁରି କିଛି ଖୋଜିବାକୁ, ଆଲୋଚନା କରିବାକୁ ।

ସ୍ୱାତୀ: ତା ହେଲେ ଆଉ ଡେରି କାହିଁକି କରୁଛୁ ? ଚାଲେ, ଇଣ୍ଟରନେଟ୍ ଲଗେଇ ଖୋଜିବା, ବାପା ତମେ ବି ଆମ ସାଙ୍ଗରେ ଆସ, ଆମେ ଯେଉଁଠି ବୁଝି ପାରିବୁନି ତମେ ବୁଝେଇଦେବ ।

ଅରୁନ୍ଧତୀ: ହଁ ଚାଲ, ମୁଁ ବି ଟିକିଏ ତମ ସାଙ୍ଗରେ ବସିବି । ଆଜି ତ କିଛି ରୋଷେଇ ନାହିଁ । ଖାଇବା ସବୁ ଅଛି । ତେଣୁ ବରଂ ତମ ସାଙ୍ଗରେ ବସି ଆକାଶ ବିଷୟରେ କଥା ହେବା ।

ଧ୍ରୁବ: ହଉ ଚାଲ ମା ।

ଚନ୍ଦ୍ର : ଧ୍ରୁବ ଜାଣିଛୁ, ଆରିଷ୍ଟୋଟଲଙ୍କ ମତରେ ମାଟି, ପାଣି, ପବନ ଓ ନିଆଁ ଭଳି ଚାରୋଟି ମୌଳିକ ପଦାର୍ଥ ଆକାଶୀୟ ପିଣ୍ଡ ସମ୍ବନ୍ଧୀୟ ସବୁ ଘଟଣାକୁ ବୁଝାଇ ଦେଇ ପାରେ । ଏସବୁ କିନ୍ତୁ ନିଜ ନିଜ ସହ ମିଶନ୍ତି ନାହିଁ ।

ଧ୍ରୁବ: ଆକାଶୀୟ ପିଣ୍ଡମାନେ କେମିତି ଗତି କରନ୍ତି ?

ଚନ୍ଦ୍ର: ଏମାନେ ବୃତ୍ତାକାର ପଥରେ ଗତି କରନ୍ତି । ବୃତ୍ତ ଗୋଟିଏ ନିଖୁଣ ଆକୃତି । ଆକାଶୀୟ ପିଣ୍ଡମାନେ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବୃତ୍ତାକାର ପଥରେ ଘୂରନ୍ତି । ସାରା ବିଶ୍ୱ ଗୋଟିଏ କେନ୍ଦ୍ରୀୟ ବିନ୍ଦୁ ଚାରିପଟେ ରହିଛି । ଏହି କେନ୍ଦ୍ରୀୟ ବିନ୍ଦୁ ଚାରିପଟେ ଆକାଶୀୟ ପିଣ୍ଡ ବି ଘୂରନ୍ତି ।

ଅରୁନ୍ଧତୀ: ହେରାକ୍ଲିଡସ୍ ପଣ୍ଟିଅସ୍ଙ୍କ ମତରେ ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରିଛି ।

ଚନ୍ଦ୍ର: କିନ୍ତୁ ଆରିଷ୍ଟୋଟଲ ଏ କଥା ମାନୁନଥିଲେ । ତାଙ୍କ ମତରେ ଯଦି ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରୁଥାଆନ୍ତା, ତା ହେଲେ ଆମେ କ'ଣ ତା ଉପରେ ରହିପାରନ୍ତେ ? ଠିଆ ହୋଇ ରହିବା ପାଇଁ କ'ଣ ଆମକୁ ଏବେ ବିଶେଷ ଚେଷ୍ଟା କରିବାକୁ ପଡ଼ୁଛି ? ସେ ହେରାକ୍ଲିଡସ୍ଙ୍କ କଥାକୁ ଗ୍ରହଣ କରୁନଥିଲେ । ସେ କହୁଥିଲେ, ପୃଥିବୀ ଘୂରୁନାହିଁ, ସେ କ'ଣ ଘୂରିଲା ଭଳି ଆମକୁ ଦେଖାଯାଉଛି?

ଧ୍ରୁବ: ଆରିଷ୍ଟୋଟଲ କେମିତି ଜାଣିଲେ ଯେ ପୃଥିବୀ ଗୋଲ ବୋଲି ?

ସ୍ୱାତୀ: ସମୁଦ୍ରରେ ମାଛୁଆମାନେ ମାଛ ମାରି ଫେରିବା ବେଳର ଉଦାହରଣ ସେ ଦେଇଥିଲେ, ତାଙ୍କ ମତରେ ଦିଗବଳୟ ପାଖରେ ଲକ୍ଷ୍ୟ କର । ପ୍ରଥମେ ଆମକୁ ନାଆର ପାଲର ଉପରଭାଗ ଦେଖାଯିବ । ତା'ପରେ ଧୀର ଧୀରେ ପୂରା ନାଆ ଦେଖାଯିବ. ଏଥିରୁ ସେ ପ୍ରମାଣିତ କରିଥିଲେ ଯେ ପୃଥିବୀ ଗୋଲ ।

ଚନ୍ଦ୍ର: ଅରିଷ୍ଟୋଟଲ ୟୁଡୋକ୍ସସ୍ ଏବଂ କାଲିପସ୍ ନାମକ ଦୁଇଜଣ ବିଜ୍ଞାନୀଙ୍କୁ ଅନୁସରଣ କରିଥିଲେ । ଏମାନେ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ ପୃଥିବୀ ମଝିରେ ରହିଛି ଏବଂ ଏହାକୁ କେନ୍ଦ୍ର କରି ଅନ୍ୟ ଗ୍ରହମାନେ ବୁଲୁଛନ୍ତି । ଆରିଷ୍ଟୋଟଲ୍ ବିଶ୍ୱାସ କରୁଥିଲେ ଯେ ପୃଥିବୀ ହେଉଛି ଗୋଟିଏ ଗୋଲକ ଏବଂ ଏହା ସ୍ଥିର ରହିଛି । ଅନ୍ୟ ସବୁ ଆକାଶୀୟ ପିଣ୍ଡ ଯା ଚାରିପଟେ ବୁଲୁଛନ୍ତି । ଆରିଷ୍ଟୋଟଲଙ୍କ ଏହି ମତବାଦ ପ୍ରାୟ ଷୋଡ଼ଶ ଶତାବ୍ଦୀ ଯାଏଁ ପାଶ୍ଚାତ୍ୟ ଚିନ୍ତାଧାରାକୁ ପ୍ରଭାବିତ କରିଥିଲା ।

ସ୍ୱାତୀ: ମିଶର ଆଉ ଗ୍ରୀସରୁ ଦେଖିଲେ ଧ୍ରୁବତାରାର ଅବସ୍ଥିତି ଅଲଗା ଜଣାପଡ଼େ । ଏଥିରୁ ଆରିଷ୍ଟୋଟଲ ଅନୁମାନ କରିଥିଲେ ଯେ ପୃଥିବୀର ପରିଧି ଚାରିଲକ୍ଷ ଷ୍ଟାଡିଆ । ବର୍ତ୍ତମାନ ହିସାବରେ ଏହା ପ୍ରାୟ ଦୁଇଗୁଣ ।

ଧ୍ରୁବ: ଷ୍ଟାଡିଆ କହିଲେ କେତେ ?

ସ୍ୱାତୀ: ଏକ ଷ୍ଟାଡ଼ିଆ ହେଉଛି ପ୍ରାୟ ୬୦୭ ଫୁଟ ।

ଅରୁନ୍ଧତୀ: ଆରିଷ୍ଟୋଟଲଙ୍କ ଭଳି ଅଉ ଜଣେ ବିଖ୍ୟାତ ଆକାଶ ବିଜ୍ଞାନୀ ହେଉଛନ୍ତି ଟଲେମୀ । ଧ୍ରୁବ, ତୁ ତାଙ୍କ ବିଷୟରେ ବି ଜାଣିବାକୁ ଚେଷ୍ଟା କର ।

ଚନ୍ଦ୍ର: ଟଲେମୀ ରୋମ ଶାସିତ ମିଶରର ଦେଢ଼ଶହ ଶତାବ୍ଦୀ ବେଳର ଜଣେ ଦାର୍ଶନିକ । ସେତେବେଳ ଯାଏଁ ବିଶ୍ୱାସ କରାଯାଉଥିଲା ଯେ ପୃଥିବୀ ବିଶ୍ୱର କେନ୍ଦ୍ରରେ ରହିଛି, ବାକି ସବୁ ପିଣ୍ଡ ଗୁଡ଼ିକ ପୃଥିବୀ ଚାରିପଟେ ଘୂରୁଛନ୍ତି । ଟଲେମୀ ଏହି ତତ୍ତ୍ୱକୁ ଆହୁରି ବ୍ୟାପକ କରିଥିଲେ ।

ଧ୍ରୁବ: ଯଦି ଆକାଶୀୟ ପିଣ୍ଡ ପୃଥିବୀ ଚାରିପଟେ ଘୂରୁଛନ୍ତି, ତାହେଲେ ଟଲେମୀଙ୍କ ମତରେ ସେମାନଙ୍କର ଗତିପଥ କେମିତି ହୋଇଥିବ?

ଚନ୍ଦ୍ର: ବିଶ୍ୱର ଭୂକେନ୍ଦ୍ରିକ ଚିତ୍ରର ମୁଣ୍ଡି ମାରିଲେ ଗ୍ରୀକ୍ ବିଜ୍ଞାନୀ କ୍ଲାଡିଅସ ଟଲେମୀ, ପ୍ରାୟ ୯୦-୧୬୮ ମସିହା ଭିତରର କଥା ଇଏ ।

ଅରୁନ୍ଧତୀ: ଆକାଶ ବିଷୟରେ ଜଣାଥିବା ସବୁ ତଥ୍ୟକୁ ଏକାଠି କରି ସେ ଅନେକ ଧାରା ବାହର କଲେ, ତାଙ୍କର ଏହି ମଡେଲରେ ପୃଥିବୀ ରହିଲା ମଝିରେ, ସୂର୍ଯ୍ୟ, ଚନ୍ଦ୍ର, ଗୋଲାକାର କକ୍ଷପଥରେ ତା ଚାରିପାଟେ ବୁଲିଲେ ।

ଚନ୍ଦ୍ର: ଅନ୍ୟ ଗ୍ରହମନଙ୍କ ଗତି କିନ୍ତୁ ଟିକିଏ କିଟିମିଟିଆ ରହିଲା । ପ୍ରତି ଗ୍ରହର ଗୋଲାକାର କକ୍ଷପଥର କେନ୍ଦ୍ରବିନ୍ଦୁ ପୃଥିବୀ ଚାରିପଟେ ଘୂରିଲା । ଏହାକୁ ଅଧିବୃତ୍ତ ବା ଏପିସାଇକ୍ଲ କୁହାଗଲା । ମଣିଷ ଆଗରୁ ଲକ୍ଷ୍ୟ କରିଥିଲା ଯେ ସ୍ଥିର ତାରାମାନଙ୍କ ଭିତରେ ଗ୍ରହମାନେ ବେଳେବେଳେ ପଛୁଆ ଗଲା ଭଳି ଜଣାପଡ଼ନ୍ତି । ଏପ୍ରକାର ଗତିକୁ ଅଧିବୃତ୍ତ ଆକାର କକ୍ଷପଥ ବୁଝାଇ ପାରୁଥିଲା ।

ଅରୁନ୍ଧତୀ: ପ୍ରାୟ ୧୩୦ ଖ୍ରୀଷ୍ଟାବ୍ଦ ବେଳକୁ ଟଲେମୀ ଆଲ୍‌ମାଜେଷ୍ଟ ବୋଲି ଗୋଟିଏ ବହି ଲେଖି ତାଙ୍କର ମତ ଜଣାଇଥିଲେ । ଏହି ମଡେଲ, ଜଣାଥିବା ତଥ୍ୟ ସବୁକୁ ବୁଝାଇ ପାରୁଥିଲା ।

ଧ୍ରୁବ: ବାପା, ଆଜି କ୍ଲାସ୍‌ରେ ମୋର ଜଣେ ସାଙ୍ଗ କହୁଥିଲା ଯେ ଟଲେମୀ ଆକାଶୀୟ ପିଣ୍ଡମାନେ କେବେ କେଉଁଠି ଦେଖାଯିବେ ସେ ବିଷୟରେ ଆଗରୁ କହି ପାରୁଥିଲେ ।

ଚନ୍ଦ୍ର: ତାଙ୍କର ଗୋଟିଏ ବହି ଥିଲା ହ୍ୟାଣ୍ଡି ଟେବଲ୍‌ସ୍ । ସେ ସେଥିରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଆଉ ତାରାଙ୍କର ଉଦୟ ଅସ୍ତ ସମୟରେ ସେମାନଙ୍କର ସ୍ଥିତି କେମିତି ହେବ ସେ ବିଷୟରେ ଦେଇଥିଲେ । ଏହାକୁ ଆଧାର କରି ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ବିଷୟରେ ବି ଜାଣି ହେଉଥିଲା ।

ଧ୍ରୁବ: କିନ୍ତୁ ବାପା, ଏବେ ତ ଆମେ ଜାଣିଛେ ଯେ ପୃଥିବୀ ନୁହେଁ, ସୂର୍ଯ୍ୟ ସୌରଜଗତର ମଝିରେ ରହିଛି । ଏ ଧାରଣା ପୁଣି କେମିତି ଆସିଲା ?

ଚନ୍ଦ୍ର: ସେତେବେଳର ସାମାଜିକ ଅବସ୍ଥା କିଛି ଭଲ ନଥିଲା ।

ସ୍ୱାତୀ: ହଁ ବାପା, ସେତେବେଳେ ନୂଆ ଚିନ୍ତା ବା ମତ, ଚଳିଆସୁଥିବା ଧାରା ଉପରେ ପ୍ରଶ୍ନ ସବୁକୁ ଦବାଇ ଦିଆଯାଉଥିଲା । ଏହି ସମୟରେ ଆମ ନାଳନ୍ଦା, ତକ୍ଷଶୀଳା ଭଳି ପାଠଶାଳା ସବୁ ଭାଙ୍ଗିଗଲା । ମିଶରର ଆଲେକଜାଣ୍ଡ୍ରିଆଠାରେ ପୃଥିବୀର ସବୁ ଅଞ୍ଚଳର ଅନେକ ମୂଳ ପୋଥିକୁ ନେଇ ଥିବା ପାଠଗାରକୁ ଜଳାଇ ଦିଆଗଲା । ପୃଥିବୀ ଯେ ବିଶ୍ୱର କେନ୍ଦ୍ର ନୁହେଁ, ଏକଥା ଯିଏ କହିଲା ତାକୁ ଦଣ୍ଡ ଦିଆଗଲା ।

ଅରୁନ୍ଧତୀ: ତଥାପି ମଣିଷର ମୁଣ୍ଡ ଥୟ ଧରି ରହିପାରିଲା ନାହିଁ । କିଛି ବିଜ୍ଞାନୀ ତାଙ୍କ କାମରେ ଲାଗିରହିଲେ । ସେମାନଙ୍କ ଚେଷ୍ଟାରୁ ଜଣାଗଲା ଯେ ସୂର୍ଯ୍ୟ ରହିଛି ମଝିରେ ।

ଚନ୍ଦ୍ର: ଏହି ସୌରକେନ୍ଦ୍ରକ ଚିତ୍ର ଦେବାରେ ମୁଖିଆ ଥିଲେ ପୋଲାଣ୍ଡ ଦେଶର ଆକାଶବିଜ୍ଞାନୀ ନିକୋଲାସ କୋପରନିକସ୍ । ତାଙ୍କମତରେ ସୂର୍ଯ୍ୟ ରହିଲା ମଝିରେ, ଚନ୍ଦ୍ର ବୁଲିଲା ପୃଥିବୀ ଚାରିପଟେ, ଅନ୍ୟ ଗ୍ରହମାନେ ବି ସୂର୍ଯ୍ୟ ଚାରିପଟେ ବୁଲିଲେ ।

ଧ୍ରୁବ: ଏବେ ଆମେ ଜାଣିଲେ ଯେ ସୂର୍ଯ୍ୟ ରହିଛି ମଝିରେ ଓ ଅନ୍ୟ ଗ୍ରହମାନେ ତା' ଚାରିପଟେ ବୁଲୁଛନ୍ତି । ତେବେ ଏ ସପ୍ତାହରେ କ'ଣ କିଛି ତାରା ଦେଖିବାନି ?

ଚନ୍ଦ୍ର: ଏବେ କନ୍ୟା ରାଶି ବିଷୟରେ ଶୁଣିବା ଆଉ ଆଜି ରାତିରେ ତାକୁ ଆକାଶରେ ଖୋଜିବା ।

ଅରୁନ୍ଧତୀ: କନ୍ୟା ରାଶିମଣ୍ଡଳ ଆକାଶରେ ଦ୍ୱିତୀୟ ବଡ଼ ତାରାମଣ୍ଡଳ । ସୂର୍ଯ୍ୟ ଏହି ରାଶି ଦେଇ ସେପ୍‌ଟେମ୍ବର ମାସରେ ଯାଏ । ସେଥିପାଇଁ ଏହାକୁ ଫସଲ ଅମଳ ସହ ଯୋଡ଼ାଯାଏ ।

ସ୍ୱାତୀ: କନ୍ୟା ରାଶିର ସବୁଠାରୁ ଉଜଳତମ ତାରାର ନାଁ ହେଉଛି ଚିତ୍ରା । ଏହା ଗୋଟିଏ ନୀଳ-ଧଳା ଯୁଗ୍ମ ତାରା । ଏହାର ଆକାର ସୂର୍ଯ୍ୟର ପ୍ରାୟ ଦୁଇଗୁଣ, କିନ୍ତୁ ଉଜଳତାରେ ଏହା ପ୍ରାୟ ଦୁଇ ହଜାର ଗୁଣ ହେବ ।

ଧ୍ରୁବ: ତା'ମାନେ ତା'ର ଦୀପ୍ତି କେତେ ହେବ ?

ସ୍ୱାତୀ: ଏହାର ଦୀପ୍ତି ପ୍ରାୟ ୧ ଏବଂ ଏହା ଆମଠାରୁ ୨୬୦ ଆଲୋକବର୍ଷ ଦୂରରେ ରହିଛି ।

ଅରୁନ୍ଧତୀ: ଜାଣିଛୁ ଧ୍ରୁବ, ସପ୍ତର୍ଷି ମଣ୍ଡଳର ବଙ୍କା ଲାଞ୍ଜକୁ ଆହୁରି ଆଗକୁ ବଢ଼େଇଲେ ତାହା ଆଗ ଭେଟିବ ଭୂତେଶ ମଣ୍ଡଳର ଉଜଳ ତାରା ସ୍ୱାତୀକୁ, ତାକୁ ଆହୁରି ଆଗକୁ ବଢ଼େଇଲେ ସେ ଯାଇ ଭେଟିବ କନ୍ୟାରାଶିର ଉଜଳତାରା ଚିତ୍ରା ପାଖରେ ।

ଚନ୍ଦ୍ର: ତାରା ଚିତ୍ରା ଆଗରୁ ବସନ୍ତ ଋତୁର ସଙ୍କେତ ଥିଲା । ସୂର୍ଯ୍ୟର ଉତ୍ତରାୟଣ ଗତିର ଆରମ୍ଭ ମାନେ ମାର୍ଚ୍ଚ ୨୧ ତାରିଖ ଦିନ ଏହା ଠିକ୍ ସୂର୍ଯ୍ୟାସ୍ତ ସମୟରେ ଉଦୟ ହେଉଥିଲା । ଏବେ ଏହା ଏପ୍ରିଲ ୧୪ ପଣା ସଂକ୍ରାନ୍ତି ବେଳକୁ ସନ୍ଧ୍ୟାରେ ଉଦୟ ହେଉଛି ।

ପ୍ରଶ୍ନ୧.: ଆରିଷ୍ଟୋଟଲ ପୃଥିବୀର ପରିଧି କେତେ ବୋଲି ଅନୁମାନ କରିଥିଲେ ?

ଦଶ ଲକ୍ଷ ଷ୍ଟାଡିଆ **ଚାରିଲକ୍ଷ ଷ୍ଟାଡିଆ** ଛଅଲକ୍ଷ ଷ୍ଟାଡିଆ